# NATIONAL NEWS BULLETIN (ODIA)
## 21 November - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଜି-୨୦ ଶିଖର ସମ୍ମିଳନୀରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭାରତର ପକ୍ଷ ରଖିବା ଲାଗି ଜୋହାନ୍ସବର୍ଗରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।
- ଦେଶରେ ପ୍ରଚଳିତ ପୂରାତନ ଶ୍ରମ ଆଇନ୍‌ଗୁଡ଼ିକୁ ଅଧିକ ସରଳ ତଥା ସୁସଂହତ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଲାଗୁ ହେଲା ଚାରୋଟି ନୂତନ ଶ୍ରମ ସଂହିତା ।
- ୨୦୨୬-ହଜ୍ ଯାତ୍ରା ପ୍ରସ୍ତୁତିର ସମୀକ୍ଷା ଲାଗି ଆସନ୍ତାକାଲି ମୁମ୍ବାଇରେ ଅନୁଷ୍ଠିତ ହେବ ଜାତୀୟ ସ୍ତରୀୟ ହଜ୍ ସମ୍ମିଳନୀ ।
- ଦୁବାଇର ଏକ ଏୟାର୍ ଶୋ'ରେ ନୈପୁଣ୍ୟ ଦେଖାଇବା ସମୟରେ ଭାରତୀୟ ବାୟୁସେନାର ତେଜସ୍ ଲଢୁଆ ଜେଟ୍ ଦୁର୍ଘଟଣାଗ୍ରସ୍ତ ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତାକାଲିଠାରୁ ଦ୍ୱିତୀୟ ତଥା ଚୂଡ଼ାନ୍ତ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ ଗୌହାଟୀରେ ।

# ପିଏମ୍ - ଜି୨୦

ଦକ୍ଷିଣ ଆଫ୍ରିକାରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁଥିବା ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜୋହାନ୍ସବର୍ଗରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ଶ୍ରୀ ମୋଦୀଙ୍କୁ ପାରମ୍ପରିକ ନୃତ୍ୟ ସହିତ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଚଳିତବର୍ଷ ଜି-୨୦ ଶିଖର ସମ୍ମିଳନୀର ବିଷୟବସ୍ତୁ ରହିଛି 'ସଂହତି, ସମାନତା ଏବଂ ସ୍ଥିରତା' ।

ଦକ୍ଷିଣ ଆଫ୍ରିକାକୁ ଏହା ହେଉଛି ଶ୍ରୀ ମୋଦୀଙ୍କର ଚତୁର୍ଥ ସରକାରୀ ଗସ୍ତ । ୨୦୧୬ରେ ଦ୍ୱିପାକ୍ଷିକ ଗସ୍ତ ଏବଂ ପରେ ୨୦୧୮ ଓ ୨୦୨୩ରେ ଦୁଇଟି ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ଦକ୍ଷିଣଆଫ୍ରିକା ଗସ୍ତ କରିଥିଲେ ।

୨୦୧୪ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ହେଉଛି ଦ୍ୱାଦଶ ଜି-୨୦ ସମ୍ମିଳନୀ । ଏହି ସମାବେଶ ଅବସରରେ ପ୍ରଧାନମନ୍ତ୍ରୀ ସାଉଥ୍ ଗ୍ଲୋବାଲ୍ ପ୍ରସଙ୍ଗ, ସ୍ଥାୟୀ ବିକାଶ, ଶକ୍ତି, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱସ୍ତରରେ ଶାସନ ବ୍ୟବସ୍ଥାରେ ସଂସ୍କାର ଆଦି ପ୍ରସଙ୍ଗକୁ ପ୍ରାଥମିକତା ପ୍ରଦାନ କରି ନିଜର ମତ ଉପସ୍ଥାପନ କରିବେ ।

ଏହି ଅବସରରେ ଶ୍ରୀ ମୋଦୀ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା ଏବଂ ଅନ୍ୟ ବିଶ୍ୱନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ । ଭାରତ-ବ୍ରାଜିଲ-ଦକ୍ଷିଣଆଫ୍ରିକା ବୈଠକରେ ମଧ୍ୟ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

ଦକ୍ଷିଣ ଆଫ୍ରିକାର ଅଧ୍ୟକ୍ଷତାରେ ଆୟୋଜିତ ହେଉଥିବା ଜି-୨୦ ସମ୍ମିଳନୀରେ ବିପର୍ଯ୍ୟୟ ମୁକାବିଲା, ଆର୍ଥିକ ସ୍ଥିତିରେ ଦୁର୍ବଳ ଥିବା ଦେଶଗୁଡ଼ିକ ପାଇଁ ଋଣ ପ୍ରଦାନ ନିରନ୍ତରତାକୁ ସୁନିଶ୍ଚିତ କରିବା, ନ୍ୟାୟପୂର୍ଣ୍ଣ ଶକ୍ତି ପରିବର୍ତ୍ତନ ପାଇଁ ଅର୍ଥ ସଂଗ୍ରହ, ସ୍ଥାୟୀ ଅଭିବୃଦ୍ଧି ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ସୁ-ବିନିଯୋଗ ଆଦି ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେବ ବୋଲି ଜଣାପଡିଛି ।

ଶିଖର ସମ୍ମିଳନୀରେ ଯୋଗଦେବାକୁ ଗସ୍ତ କରିବାର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବସୁଧୈବ କୁଟୁମ୍ବକମ୍ ଏବଂ ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତର ଦୃଷ୍ଟିକୋଣ ଆଧାରରେ ସେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିବେ । ୨୦୨୩ ମସିହାରେ ଭାରତର ଅଧ୍ୟକ୍ଷତା ଅବସରରେ ଆଫ୍ରିକୀୟ ସଂଘ ଜି-୨୦ର ସଦସ୍ୟଭୁକ୍ତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଦକ୍ଷିଣ ଆଫ୍ରିକାରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କୁ ଭେଟିବା ପାଇଁ ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରିଛନ୍ତି ।

# ଗଭ୍-ଲେବର୍ କୋଡସ୍

ଦେଶରେ ବର୍ତ୍ତମାନ ପ୍ରଚଳିତ ଦଶନ୍ଧି ପୂରାତନ ଶ୍ରମ ଆଇନ୍‌ଗୁଡ଼ିକୁ ଅଧିକ ସରଳ ତଥା ସୁସଂହତ କରିବା ଉଦ୍ଦେଶ୍ୟରେ ସରକାର ଆଜିଠାରୁ ଚାରୋଟି ନୂତନ ଶ୍ରମ ସଂହିତା ଲାଗୁ କରିବାକୁ ଘୋଷଣା କରିଛନ୍ତି । ସେଗୁଡ଼ିକ ହେଲା – ମଜୁରୀ ସଂହିତା ୨୦୧୯, ଔଦ୍ୟୋଗୀକ ସମ୍ପର୍କିତ ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବ୍ୟବସାୟିକ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟାବସ୍ଥା ସଂହିତା ୨୦୨୦ । ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ନୂତନ ଶ୍ରମ ସଂହିତା ଗୁଡ଼ିକ ମାଧ୍ୟମରେ ଦେଶର ଶ୍ରମଶକ୍ତି ଆର୍ଥିକ ସ୍ତରରେ ଲାଭାନ୍ୱିତ ହେବା ସହିତ ସେମାନଙ୍କର ସାମାଜିକ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ ହୋଇପାରିବ । ଶ୍ରମ କ୍ଷେତ୍ରରେ ଏହି ସଂସ୍କାର କେବଳ ଏକ ସାମାନ୍ୟ ପରିବର୍ତ୍ତନ ନୁହେଁ ବରଂ ଦେଶର ପ୍ରତ୍ୟେକ ଶ୍ରମିକଙ୍କର ସମ୍ମାନ ସୁନିଶ୍ଚିତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

ଏ ସମ୍ପର୍କରେ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଭାରତ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସମ୍ପ୍ରସାରିତ କରିଛି । ଏହି ସମୟ ମଧ୍ୟରେ  ଶ୍ରମ ଶକ୍ତି କ୍ଷେତ୍ରରେ ପ୍ରାୟ ୪୫ ପ୍ରତିଶତରୁ ଊର୍ଦ୍ଧ୍ୱ

ସାମାଜିକ ସୁରକ୍ଷା ସୁନିଶ୍ଚିତ କରାଯାଇ ପାରିଛି ବୋଲି ମନ୍ତ୍ରଣାଳୟ କହିଛି ।

## ପିଏମ୍-ଲେବର କୋଡ୍ସ

ଦେଶ ବ୍ୟାପି ଆଜିଠାରୁ ଚାରୋଟି ଶ୍ରମ ସଂହିତା ଲାଗୁ କରିବା ସମ୍ପର୍କିତ ସରକାରଙ୍କ ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ସଂହିତା ଗୁଡ଼ିକ ମାଧ୍ୟମରେ ବୈଶ୍ୱିକ ସାମାଜିକ ସୁରକ୍ଷା, ସର୍ବନିମ୍ନ ଏବଂ ଠିକ ସମୟରେ ମଜୁରୀ ପ୍ରଦାନ, ସୁରକ୍ଷିତ କାର୍ଯ୍ୟସ୍ଥଳୀ ଏବଂ ସର୍ବସାଧାରଣ ବିଶେଷ କରି ମହିଳା ଓ ଯୁବବର୍ଗଙ୍କ ଲାଗି ଆର୍ଥିକ ସୁଯୋଗ ସୁନିଶ୍ଚିତ କରିବା ଦିଗରେ ଏକ ସଶକ୍ତ ଭିତ୍ତିଭୂମି ସ୍ଥାପନ କରାଯାଇପାରିବ ।

ଏତଦ୍‌ବ୍ୟତୀତ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ଅଧିକ ସଶକ୍ତ କରିବା ସହିତ ଶ୍ରମିକମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଦିଗରେ ଏହି ସଂହିତା ଗୁଡ଼ିକ ଏକ ଭବିଷ୍ୟତ ଉପଯୋଗୀ ଇକୋସିଷ୍ଟମ୍ ନିର୍ମାଣ କରିବାରେ ସହାୟକ ହେବ । ଶ୍ରମ କ୍ଷେତ୍ରରେ ଏହି ସଂସ୍କାର ଦ୍ୱାରା ନିଯୁକ୍ତି ସୃଷ୍ଟି ପ୍ରକ୍ରିୟାକୁ ଅଧିକ ପ୍ରୋତ୍ସାହିତ କରାଯିବା ସହିତ ଏକ ବିକଶିତ ଭାରତ ଗଠନ ଦିଗରେ ଦେଶର ଯାତ୍ରାକୁ ତ୍ୱରାନ୍ୱିତ କରାଯାଇ ପାରିବ ।

ସ୍ୱାଧୀନତା ପରଠାରୁ ଏହାକୁ ଏକ ସମନ୍ୱିତ ଓ ପ୍ରଗତିଶୀଳ ଶ୍ରମିକ କୈନ୍ଦ୍ରିକ ସଂସ୍କାର ଭାବେ ଅବିହିତ କରିବା ସହିତ  ଦେଶର ଶ୍ରମ ଶକ୍ତିକୁ ଅଧିକ ସଶକ୍ତ କରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେକ କରିଛନ୍ତି ।

## ସୀତାରମଣ-ପ୍ରି ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଦ୍ୱାଦଶ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅର୍ଥମନ୍ତ୍ରୀ ସହରାଞ୍ଚଳ କ୍ଷେତ୍ରର ବିଶେଷଜ୍ଞ ଏବଂ ଏଥିସହିତ ସଂଶ୍ଳିଷ୍ଟ ପକ୍ଷମାନଙ୍କ ସହ ଆଲୋଚନା କରିଛନ୍ତି । ଆସନ୍ତା ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ପରିପ୍ରେକ୍ଷୀରେ ଏହି ବୈଠକ ଆୟୋଜନ କରାଯାଇଛି । ବୈଠକରେ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ସଚିବ, କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥିକ ପରାମର୍ଶଦାତା ଏବଂ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ପୂର୍ବରୁ ଅର୍ଥମନ୍ତ୍ରୀ ଆଜି ଏକାଦଶ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ଭିତ୍ତିଭୂମି ଏବଂ ଶକ୍ତି କ୍ଷେତ୍ରର ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରିଛନ୍ତି । ବୈଠକରେ ଶକ୍ତି, ବନ୍ଦର, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ସଚିବମାନଙ୍କ ସମେତ ରେଲବାଇ ବୋର୍ଡର

ଅଧ୍ୟକ୍ଷ ଏବଂ ଭାରତ ସରକାରଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଉପସ୍ଥିତ ଥିଲେ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ବଜେଟ୍ ପୂର୍ବରୁ ବିଭିନ୍ନ ବିଶେଷଜ୍ଞ, ଅର୍ଥନୀତିଜ୍ଞ ଏବଂ ବିଭିନ୍ନ ରାଜ୍ୟ ଅଧିକାରୀମାନଙ୍କ ସହିତ ପ୍ରତିବର୍ଷ ପ୍ରାକ୍-ବଜେଟ୍ ବୈଠକ କରାଯାଇଥାଏ ।

## ବୈଷ୍ଣବ-ସିଙ୍ଗାପୁର

ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀ ତଥା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଗାନ୍ କିମ୍ ୟଙ୍ଗଙ୍କ ସହିତ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ସାକ୍ଷାତ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତ-ସିଙ୍ଗାପୁର ମଧ୍ୟରେ ଦ୍ୱିପକ୍ଷିୟ ସହଯୋଗ ବିଶେଷ କରି ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଆଦି ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇଥିଲା ।

ଏତଦ୍ ବ୍ୟତୀତ ଶ୍ରୀ ବୈଷ୍ଣବ, ଆଜି ସିଙ୍ଗାପୁର ଠାରେ ବିଭିନ୍ନ ଅଗ୍ରଣୀ କମ୍ପାନୀ ଗୁଡ଼ିକର ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି । ଦେଶରେ ସେମିକଣ୍ଡକ୍ଟର ପ୍ରକଳ୍ପଗୁଡ଼ିକୁ ସିଙ୍ଗାପୁର ସେମିକଣ୍ଡକ୍ଟର ଶିଳ୍ପ ସଂଘ ସହ ଭାଗିଦାରୀରେ ବିକଶିତ କରାଯାଉଛି । ଏହି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଇଞ୍ଜିନିୟର ଓ ଅନ୍ୟାନ୍ୟ ବୈଷୟିକ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି

କରାଇବା ସମ୍ପର୍କରେ ମୁଖ୍ୟତ ଆଜି ଆଲୋଚନା କରାଯାଇଛି ବୋଲି ଶ୍ରୀ ବୈଷ୍ଣବ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି ।

## ହଜ୍ କନ୍‌ଫରେନ୍ସ

ସଂଖ୍ୟାଲଘୁ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ମୁମ୍ବାଇଠାରେ ଏକ ଜାତୀୟ ସ୍ତରୀୟ ହଜ୍ ସମ୍ମିଳନୀର ଆୟୋଜନ କରାଯାଇଛି । ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ହଜ୍ କମିଟି ଗୁଡ଼ିକର କର୍ମକର୍ତ୍ତାମାନେ ଯୋଗଦେଇ ୨୦୨୬ ହଜ୍ ଯାତ୍ରାର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବେ । ପ୍ରତ୍ୟେକ ବର୍ଷ ଭାରତ ୧ଲକ୍ଷ ୭୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ହଜ୍ ଯାତ୍ରାରେ ପଠାଇଥାଏ । ଭାରତୀୟ ହଜ୍ ଯାତ୍ରୀମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ସହିତ ସେମାନେ ଯେଭଳି ସୁରୁଖୁରୁରେ ଯାତ୍ରା ସମ୍ପନ୍ନ କରିପାରିବେ ସେ ଦିଗରେ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ତେଜସ୍-କ୍ରାସ୍

ଦୁବାଇ ଠାରେ ଅନୁଷ୍ଠିତ ଏକ ଏୟାର୍ ଶୋ’ରେ ନିଜର ନୈପୁଣ୍ୟ ଦେଖାଇବା ସମୟରେ ଭାରତୀୟ ବାୟୁସେନାର ତେଜସ୍ ଲଢୁଆ ଜେଟ୍

ଦୁର୍ଘଟଣାଗ୍ରସ୍ତ ହୋଇଛି । ବାୟୁସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଦୁର୍ଘଟଣାରେ ସମ୍ପୃକ୍ତ ପାଇଲଟ୍‌ଙ୍କର ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣା ସମ୍ପର୍କରେ ତଦନ୍ତ କରିବା ଲାଗି କୋର୍ଟ୍ ଅଫ୍ ଇନ୍‌କ୍ୱାରୀ ଗଠନ କରାଯାଇଛି ।

ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନ ଏହି ଦୁର୍ଘଟଣା ଲାଗି ଦୁଃଖ ପ୍ରକାଶ କରିଛନ୍ତି । ମୃତକ ପାଇଲଟଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହିତ ଏହି ଦୁ-ସମୟରେ ପ୍ରତିରକ୍ଷା ବାହିନୀ ତାଙ୍କ ପରିବାରବର୍ଗଙ୍କ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛନ୍ତି ବୋଲି ଜେନେରାଲ୍ ଚୌହାନ ସାମାଜିକ ଗଣମାଧମ ପୋଷ୍ଟରେ କହିଛନ୍ତି ।

# ଜେକେ-ଏଲ୍‌ଜି

ଅପରେସନ୍ ସିନ୍ଦୂର ଏବଂ ଏହାର ପରବର୍ତ୍ତୀ ବନ୍ୟା ଯୋଗୁଁ ଜାମ୍ମୁ କାଶ୍ମୀରର ପୁଞ୍ଛ ଜିଲ୍ଲାର ପ୍ରଭାବିତ ପରିବାରବର୍ଗଙ୍କର ପୁନଃ ଥଇଥାନ ଲାଗି ଏକ କଲ୍ୟାଣକାରୀ ପ୍ରକଳ୍ପର ଆଜି ଶିଳାନ୍ୟାସ ହୋଇଛି । ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏହି ଶିଳାନ୍ୟାସ କରି ପ୍ରଭାବିତ ପରିବାରବର୍ଗଙ୍କ କଲ୍ୟାଣ ତଥା ଦୀର୍ଘସୂତ୍ରୀ ବିକାଶ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି । ପୁଞ୍ଛ ଓ ଏହାର ସଂଲଗ୍ନ ଅଞ୍ଚଳରେ ସଡ଼କ ଭିତ୍ତିଭୂମି ପ୍ରକଳ୍ପ ଲାଗି ୧୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

ଏହାଦ୍ୱାରା ଏହି ଜିଲ୍ଲାରେ ଗମନାଗମନ ତଥା ସଂଯୋଗୀକରଣ ବ୍ୟବସ୍ଥା ଅଧିକ ସଶକ୍ତ ହୋଇପାରିବ ବୋଲି ଶ୍ରୀ ସିହ୍ନା କହିଛନ୍ତି ।

## ପାକିସ୍ତାନ-ଗ୍ୟାସ୍

ପାକିସ୍ତାନର ଫୈସଲାବାଦ୍ ସହର ଅନ୍ତର୍ଗତ ମଲ୍ଲିକପୁର ଅଞ୍ଚଳରେ ଏକ କାରଖାନାରେ ଗ୍ୟାସ୍ ବିସ୍ଫୋରଣ ଯୋଗୁଁ ୧୫ ଜଣଙ୍କର ମୃତ୍ୟୁ ହେବା ସହିତ ଅନେକ ଆହତ ହୋଇଛନ୍ତି । ଏହି ବିସ୍ଫୋରଣ ଯୋଗୁଁ ସମ୍ପୃକ୍ତ କାରଖାନା ଏବଂ ନିକଟସ୍ଥ ଅନ୍ୟ କେତେକ ଅଟ୍ଟାଳିକା ମଧ୍ୟ ଭୁଶୁଡ଼ି ପଡ଼ିଛି ବୋଲି ସରକାରୀ ଭାବେ କୁହାଯାଇଛି ।

## କ୍ରିକେଟ୍ ଟେଷ୍ଟ

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତାକାଲିଠାରୁ ଗୌହାଟୀଠାରେ ଦ୍ୱିତୀୟ ତଥା ଶେଷ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ । ଏହି ମ୍ୟାଚ୍ ବର୍ଷାପଡ଼ା କ୍ରିକେଟ୍ ଷ୍ଟାଡିୟମ୍‌ରେ  ପୂର୍ବାହ୍ନ ୯ଟାରେ ଖେଳାଯିବ । କୋଲକାତାର ଇଡେନ୍‌ଗାର୍ଡେନ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକ ଶୁଭମନ ଗିଲ୍ ଆହତ ହେବା ପରେ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି । ୱିକେଟ୍ କିପର ତଥା ବ୍ୟାଟସ୍‌ମ୍ୟାନ୍ ରିଷଭ୍ ପନ୍ଥ ଏହି

ଟେଷ୍ଟରେ ଭାରତର ଅଧିନାୟକତ୍ୱ କରୁଛନ୍ତି । ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଭାରତକୁ ୩୦ରନ୍‌ରେ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।